## ବାରହା ଆକ୍ରମଣରେ ବୃଦ୍ଧ ଗୁରୁତର

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ରେଞ୍ଜ ପାଟଣା ବିଟ୍ ମାଧପୁର ଗ୍ରାମ ନାଏକ ସାହିରେ ବାରହା ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ଗୁରୁତର ଜଣଙ୍କ ହେଲେ ଗ୍ରାମର ଉପେନ୍ଦ୍ର ନାଏକ(୫୫)। ତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଉପନ୍ଦ୍ରେ ରବିବାର ସକାଳୁ ବିଲକୁ ଯାଇଥିଲେ। ନିକଟ ଜଙ୍ଗଲରୁ ଏକ ବାରହା ଆସି ତାଙ୍କୁ ଆକ୍ରମଣ କରିଥିଲା। ଏଥିରେ ତାଙ୍କ ମୁହଁ ଓ ହାତ ଆଙ୍ଗୁଳିରେ ଆଘାତ ଲାଗିଛି। ପାଖ କ୍ଷେତରେ କାର୍ଯ୍ୟ କରୁଥିବା ଚାଷୀମାନେ ତାଙ୍କୁ ଉଦ୍ଧାର କରି ମେଡ଼ିକାଲ ନେଇଥିଲେ।

# ସଂକ୍ଷେପରେ

## ଛାତ୍ରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ଯୁବକ ଗିରଫ

ଆନନ୍ଦପୁର,୨୦।୧୧(ସ୍ୱ.ପ୍ର.): କଲେଜ ଛାତ୍ରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ଆନନ୍ଦପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ସ୍ଥାନୀୟ ଫକୀରପୁରର ପୁରୁଷୋତ୍ତମ ସାହୁ। ରବିବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଆନନ୍ଦପୁରର ଶାଳପଡ଼ା କନକମଞ୍ଜରୀ ମହିଳା ମହାବିଦ୍ୟାଳୟର ଜଣେ ଛାତ୍ରୀଙ୍କୁ ଶନିବାର ବ୍ରିଜଛକଠାରେ ଅଟକାଇ ଅଭିଯୁକ୍ତ ପ୍ରେମ ନିବେଦନ କରିଥିଲେ। ଛାତ୍ରୀ ଜଣଙ୍କ ମନା କରିବାରୁ ହାତ ଧରି ଟଣାଓଟରା କରିବା ସହ ଦୁର୍ବ୍ୟହାର କରିଥିଲେ। ଏନେଇ ଛାତ୍ରୀ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ନଂ. ୨୮୭/୨୨ରେ ଏକ ମାମଲା ରୁଜୁ ହୋଇ ତଦନ୍ତ କରୁଥିଲା। ଶନିବାର ବିଳମ୍ବିତ ରାତିରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ସୁଶାନ୍ତ ଦାଶ ସୂଚନା ଦେଇଛନ୍ତି।

## ସତ୍ୟ ସାଇଙ୍କ ପାଦୁକା ରଥ ପରିକ୍ରମା

ଗୋପବନ୍ଧୁ ନଗର, ୨୦।୧୧(ଡି.ଏନ.ଏ):ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ୍ ସ୍ଥିତ ଟିକରପଡ଼ାରେ ଶ୍ରୀ ସତ୍ୟ ସାଇଙ୍କ ପାଦୁକା ରଥ ପହଞ୍ଚି ଗ୍ରାମ ପରିକ୍ରମା କରିଛି। ଅପରାହ୍ନରେ ଉଦଳା ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ଅବସରରେ ଖୁଣ୍ଟା-ଉଦଳା ରାସ୍ତାର ନାଲୁହା ଛକଠାରେ ସତ୍ୟସାଇ ଭଜନମଣ୍ଡଳ ଦ୍ୱାରା ସ୍ୱାଗତ ଜଣାଇବାଥିଲେ। ଶହଶହ ଶ୍ରଦ୍ଧାଳୁ ସାଇଙ୍କ ପାଦୁକା ଦର୍ଶନ କରିଥିଲେ। ଭଜନମଣ୍ଡଳୀର ଆବାହକ ରଞ୍ଜନ ମଜୁଆଳଙ୍କ ତତ୍ତ୍ୱାବଧାନରେ ଗଣେଶ ବେହେରା, ସୁନିତା ଭକତ, ସଞ୍ଜୁଲତା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଭଜନ ମଣ୍ଡଳୀର କର୍ମକର୍ତ୍ତା ସାଇ ମନ୍ଦିର ସମ୍ମୁଖରେ ବୃକ୍ଷରୋପଣ କରିଥିଲେ।

## ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ପରଲୋକ

ବାରିପଦା ଅଫିସ,୨୦।୧୧-ମୟୂରଭଞ୍ଜ ଜିଲା ଜାମଦା ବ୍ଲକର ପୂର୍ବତନ ଅଧ୍ୟକ୍ଷ ମଙ୍ଗଲ ସିଂ ଟୁଡୁ(୫୫)ଙ୍କର ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଶୁକ୍ରବାର ପରଲୋକ ହୋଇଛି। ସେ ୧୯୯୭-୨୦୦୨ ପର୍ଯ୍ୟନ୍ତ ଜାମଦା ବ୍ଲକ ଚେୟାରମ୍ୟାନ ଥିଲେ। ସେ ଜେଏମ୍ଏମ୍, ସମାଜବାଦୀ ପାର୍ଟି, ରାଷ୍ଟ୍ରୀୟ କଂଗ୍ରେସ ପାର୍ଟି ସହ ଜଡ଼ିତ ଥିଲେ। ତାଙ୍କ ବିୟୋଗରେ ପୂର୍ବତନ ଏମ୍ପି ରାମଚନ୍ଦ୍ର ହାଁସଦା, ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ରାସ୍ତାର ଶିଳାନ୍ୟାସ

ରେମୁଣା,୨୦।୧୧(ଡି.ଏନ.ଏ.)- ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ିଠାରୁ ହଳଦିଆ ପର୍ଯ୍ୟନ୍ତ ୯କୋଟି ୨୦ ଲକ୍ଷ ୫୩ ହଜାର ଟଙ୍କା ଅନୁଦାନ କ୍ରମେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ହେଉଥିବା ରାସ୍ତାର ଶିଳାନ୍ୟାସ ହୋଇଛି। ବାଲେଶ୍ୱର ଏମ୍ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଅତିଥିଭାବେ ଯୋଗଦେ ଶିଳାନ୍ୟାସ କରିଥିଲେ। ଏମ୍ପି ଶ୍ରୀ ଷଡ଼ଙ୍ଗୀ ଏହି ପ୍ରକଳ୍ପକୁ ଅନୁମୋଦନ କରିଥିବାରୁ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଗିରିରାଜ ସିଂହ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। କାର୍ଯ୍ୟକ୍ରମରେ ରେମୁଣାର ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ ଯୁବ ବିଜେଡିର କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜଙ୍କ ସମେତ ବହୁ ଲୋକ ପ୍ରତିନିଧି ଉପସ୍ଥିତ ଥିଲେ।

# ନୂତନ ଧାରାର ଇତିହାସ ରଚନା ପାଇଁ ଆହ୍ୱାନ

## ଓଡ଼ିଶା ଇତିହାସ କଂଗ୍ରେସର ଅଧିବେଶନ

ବାଲେଶ୍ୱର ଅଫିସ,୨୦।୧୧



ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଭାଗ ଆନୁକୂଲ୍ୟରେ ୪୨ତମ ଓଡ଼ିଶା ଇତିହାସ କଂଗ୍ରେସର ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ଏମ୍ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଅଧିବେଶନରେ ଭାଗନେଇଥିବା ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ତଥା ଐତିହାସିକ ଓ ଗବେଷକମାନଙ୍କୁ ଏକ ନୂତନ ଧାରାର ଇତିହାସ ରଚନା କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ବିଶ୍ୱସ୍ତରରେ ଇତିହାସ ରଚନା ଓ ଏହାର ସମ୍ରାଜ୍ୟବାଦୀ ଚକ୍ରାନ୍ତକୁ ପ୍ରତିହତ କରିବା ପାଇଁ ହେଲେ ଆଜିର ଇତିହାସକାର ଓ ଗବେଷକମାନଙ୍କୁ ସତ୍ୟର ଅନୁସନ୍ଧାନ କରିବାକୁ ପଡ଼ିବ ଓ ତଥ୍ୟ ସମ୍ବଳିତ ଇତିହାସ ସୃଷ୍ଟି କରିବାକୁ ପଡ଼ିବ। ସମାଜ ତଥା ଦେଶର ହିତ ସାଧନ ପାଇଁ ଏକ ବିଜ୍ଞାନ ସମ୍ମତ ଇତିହାସ ରଚନା କରିବାର ପରମ୍ପରାର ଆବଶ୍ୟକତା ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ।

ମୁଖ୍ୟବକ୍ତା ତଥା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଣାଶୁଣା ଇତିହାସକାର ତଥା ଜବାହାରଲାଲ ନେହରୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଦୀପକ କୁମାର ଭାରତ ତଥା ବିଶ୍ୱରେ ପ୍ରଚଳିତ ଇତିହାସ ରଚନାର ପରମ୍ପରା ସମ୍ପର୍କରେ ଅବଗତ କରାଇଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ନିଜ ବକ୍ତବ୍ୟରେ ସମାଜ ଗଠନ ଓ ଆମ ଦେଶ ତଥା ଅଞ୍ଚଳର ପରିଚୟ ରକ୍ଷା ଦିଗରେ ଇତିହାସ ଓ ଇତିହାସକାରମାନଙ୍କର ଯୋଗଦାନ ଅତୁଳନୀୟ ବୋଲି ମତ ପୋଷଣ କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଓଡ଼ିଶା ଇତିହାସ କଂଗ୍ରେସ ନିଜର ୪୨ତମ ଅଧିବେଶନ ଆୟୋଜନ କରିଥିବା ହେତୁ କୃତଜ୍ଞତା ପ୍ରକାଶ କରିଥିଲେ। ଓଡ଼ିଶା ଇତିହାସ କଂଗ୍ରେସର ଅଧ୍ୟକ୍ଷ ପ୍ରଫେସର ବସନ୍ତ କୁମାର ମଲିକ ନିଜ ଭାଷଣରେ ଇତିହାସ ରଚନାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହ ଯୁବପିଢ଼ିମାନଙ୍କୁ ନୂଆ ଧାରାର ଇତିହାସ ସୃଷ୍ଟି କରିବା ପାଇଁ ଆହ୍ୱାନ ଜଣାଇଥିଲେ।

ଉଦ୍‌ଘାଟନୀ ସଭା ଆରମ୍ଭରେ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ ସ୍ୱାଗତ ଭାଷଣ ଦେଇଥିଲେ। ଓଡ଼ିଶା ଇତିହାସ କଂଗ୍ରେସର ସାଧାରଣ ସମ୍ପାଦକ ଡ. ସୁବାଷ ଚନ୍ଦ୍ର ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ। ଡ. ସୁଶାନ୍ତ ବାରିକ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ଓଡ଼ିଶା ହିଷ୍ଟୋରୀ କଂଗ୍ରେସ ତରଫରୁ ଏକ ସ୍ମରଣିକା ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ୪୨ ତମ ଓଡ଼ିଶା ହିଷ୍ଟୋରୀ କଂଗ୍ରେସର କାର୍ଯ୍ୟସୂଚୀ ଉନ୍ମୋଚନ କରିଥିଲେ। ଏହି ଉପଲକ୍ଷେ ଏକ ସ୍ୱର୍ଣ୍ଣ ଜୟନ୍ତୀ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଓଡ଼ିଶାରେ ଇତିହାସ ରଚନା ଓ ଗବେଷଣା କ୍ଷେତ୍ରରେ ପରିଚୟ ସୃଷ୍ଟି କରିଥିବା ଜଣାଶୁଣା ଇତିହାସକାର ଡ. ସୋମା ଚାନ୍ଦ ଓ ଡ. ହରିହର ଦାଶଙ୍କୁ ଓଡ଼ିଶା ହିଷ୍ଟୋରୀ କଂଗ୍ରେସ ତରଫରୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ଓଡ଼ିଶା ଇତିହାସ ଉପରେ ଡ. ସୋମା ଚାନ୍ଦଙ୍କ ଦ୍ୱାରା ଲିଖିତ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଡ. ଅରବିନ୍ଦ ବୋଷ ଓ ଜୀନା ପ୍ରିୟଙ୍କା ଜେଠିଙ୍କୁ ପ୍ରଫେସର ଜଗନ୍ନାଥ ପଟ୍ଟନାୟକ ଯୁବ ଇତିହାସକାର ସମ୍ମାନ ପ୍ରଦାନ କରାଯାଇଛି। ସର୍ବେଶ୍ୱର ଦାସଙ୍କ ଦ୍ୱାରା ସଂରକ୍ଷିତ ଭାରତ ତଥା ଓଡ଼ିଶାର ସ୍ୱାଧୀନତା ସଂଗ୍ରାମର ଇତିହାସ ସମ୍ପର୍କିତ ପ୍ରାୟ ୧୦ ହଜାରରୁ ଅଧିକ ଫୋଟଚିତ୍ରର ପ୍ରଦର୍ଶନୀ କରାଯାଇଛି। ୨୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଅଧିବେଶନରେ ଓଡ଼ିଶା ତଥା ଭାରତର ବିଭିନ୍ନ ସ୍ଥାନରୁ ୩୦୦ ଇତିହାସକାର, ଅଧ୍ୟାପିକାଅଧ୍ୟାପକ ଓ ଗବେଷକ ଅଂଶ ଗ୍ରହଣ କରିଛନ୍ତି। ବିଶ୍ୱବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗର ମୁଖ୍ୟ ଡ. ସୁନୀଲ କୁମାର ପାଢ଼ି ଧନ୍ୟବାଦ ଅର୍ପଣ କରିଥିଲେ। ଡ. ଦେବାଶିଷ ପତ୍ର ଓ ଡ. ସ୍ମିତି ପାଢ଼ୀ ସଭା ପରିଚାଳନା କରିଥିଲେ।

## କାର୍ ଓଲଟି ବାପ,ପୁଅ ଆହତ



ରୂପ୍‌ସା,୨୦।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ୬୦ନଂ. ଜାତୀୟ ରାଜପଥର ରୂପ୍‌ସା ବସ୍‌ଷ୍ଟାଣ୍ଡରୁ ପାଟପୁର ବଜାର ଅଭିମୁଖେ ଆସୁଥିବା ଏକ କାର୍ ଶନିବାର ବିଳମ୍ବିତ ରାତିରେ ଭାରସାମ୍ୟ ହରାଇ ବରହମ୍‌ପୁରଠାରେ ଓଲଟି ପଡ଼ିଛି। ଫଳରେ କାର୍ ମାଲିକ ରୂପ୍‌ସା ଥାନା ବାରାପାଳ ଗ୍ରାମର ମନ୍ମଥ ବାଡ଼ି ଓ ଡ୍ରାଇଭିଂ କରୁଥିବା ତାଙ୍କ ପୁଅ ବିଶ୍ୱଜିତ୍ ବାଡ଼ି ଆହତ ହୋଇଛନ୍ତି। ସେମାନଙ୍କୁ ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। ରାସ୍ତା ଉପରେ ଦୁଇଟି ଷଣ୍ଢ ଲଢ଼େଇ ଲାଗିଥିବା ଦେଖି ଡ୍ରାଇଭର ବିଶ୍ୱଜିତ୍ ହଠାତ୍ ବ୍ରେକ୍ ମାରିଥିଲେ। ଫଳରେ ଭାରସାମ୍ୟ ହରାଇ କାର୍‌ଟି ରାସ୍ତା ଉପରେ ଓଲଟି ପଡ଼ିଥିଲା। ରୂପ୍‌ସା ଥାନା ପୋଲିସ ରବିବାର ଘଟଣାସ୍ଥଳରେ ପହଞ୍ଚି କାର୍‌ଟିକୁ ଥାନା ହେପାଜତରେ ରଖି ତଦନ୍ତ ଜାରି ରଖିଛି।

# ପ୍ରତିଯୋଗିତା ଦ୍ୱାରା ପ୍ରତିଭା ଜାଗ୍ରତ ହୁଏ


ଶିଶୁ ମହୋତ୍ସବରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

## ବାରିପଦା ଉପଖଣ୍ଡସ୍ତରୀୟ 'ସର୍ଗିଫୁଲ'

ବାରିପଦା ଅଫିସ,୨୦।୧୧

ମୟୂରଭଞ୍ଜ ଜିଲା ବାରିପଦା ଉପଖଣ୍ଡସ୍ତରୀୟ ଶିଶୁ ମହୋତ୍ସବ 'ସର୍ଗିଫୁଲ' ରାଣୀଭୋଳ ଏସ୍ଏସ୍‌ଡି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଭାରପ୍ରାପ୍ତ ମଙ୍ଗଳ ଅଧିକାରୀ ସୁନାରାମ ସିଂଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ବସନ୍ତ ସେଠୀ, ମୁଖ୍ୟବକ୍ତା ଜିଲା ଶିକ୍ଷା ନିରୀକ୍ଷକ ମାନସରଞ୍ଜନ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଡେପୁଟି କଲେକ୍ଟର ତଥା ଜିଲା ଜରୁରୀକାଳୀନ ଅଧିକାରୀ ସୁଜୟ ପତି, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସ୍ୱତନ୍ତ୍ର ଅଧିକାରୀ ବିଦ୍ୟୁତଲତା ମହାପାତ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ବିଜୟ ନାୟକ ଯୋଗଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହ ପ୍ରତିଯୋଗିତା ଦ୍ୱାରା ପ୍ରତିଭା ଜାଗ୍ରତ ହୁଏ ବୋଲି କହିଥିଲେ।

ବାରିପଦା ଉପଖଣ୍ଡର ୨୧ଟି ଉଚ୍ଚ ବିଦ୍ୟାଳୟ, ୩୩ ଆଶ୍ରମ ବିଦ୍ୟାଳୟ, ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ତଥା ଅନ୍ୱେଷା ଛାତ୍ରାବାସର ମୋଟ ୬୨୫ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ୧୭ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ସେଥିମଧ୍ୟରୁ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ୮୨ ଛାତ୍ରୀଛାତ୍ର ଜିଲାସ୍ତରୀୟ ସର୍ଗିଫୁଲ-୨୦୨୨ରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବସନ୍ତ ସେଠୀ, ମୁଖ୍ୟବକ୍ତା ମୟୂରଭଞ୍ଜ ଜୋନ୍ ଶିକ୍ଷା ମଣ୍ଡଳାଧୀଶ ଚନ୍ଦ୍ରଭାନୁ ମହାପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ବିଦ୍ୟୁତଲତା ମହାପାତ୍ର, ବିଜୟ ନାୟକ ପ୍ରମୁଖ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସଂସ୍କୃତ ଶିକ୍ଷକ ପଦ୍ମଲୋଚନ ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିବା ବେଳେ ବିଶ୍ୱନାଥ ସାହୁ ଧନ୍ୟବାଦ ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦୀପକ ସେଠୀ, ଦେବେନ୍ଦ୍ର ପଣ୍ଡା, ସୁକେଶଚନ୍ଦ୍ର ବେହେରା, ପ୍ରଦୀପ ଭୂୟାଁ, ଗିରିଶଚନ୍ଦ୍ର ପଣ୍ଡା, ଉମା ଦେଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୧୦ ବ୍ଲକର ସମସ୍ତ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଓ ଏଏନ୍ଏମ୍ ଉପସ୍ଥିତ ଥିଲେ।

## ଶିଶୁ ସୁରକ୍ଷା ସମିତି ପକ୍ଷରୁ ସଚେତନତା ରାଲି

ଯୋଡ଼ା,୨୦।୧୧(ଡି.ଏନ୍.ଏ)

କେନ୍ଦୁଝର ଜିଲା ଯୋଡ଼ା ପୌରାଞ୍ଚଳରେ ଥିବା ଶିଶୁ ସୁରକ୍ଷା ସମିତି ପକ୍ଷରୁ ରବିବାର ଜାତୀୟ ଶିଶୁ ଅଧିକାର ଦିବସ ପାଳିତ ହୋଇଯାଇଛି। ଶିଶୁ ସୁରକ୍ଷା ସମିତି ଯୋଡ଼ା ଶାଖାର ସଭାପତି ନିରଞ୍ଜନ ବହିଦାର୍‌ଙ୍କ ଉଦ୍ୟମରେ ଶିଶୁ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ସମିତି ପକ୍ଷରୁ ପ୍ରାୟ ୧୫୦ ଅବହେଳିତ ଶିଶୁଙ୍କୁ ନେଇ ଏକ ସଚେତନତା ରାଲି ଯୋଡ଼ା କେନ୍ଦ୍ରୀୟ ଖେଳପଡ଼ିଆଠାରୁ ବାହାରି ପଶ୍ଚିମ ଯୋଡ଼ାଠାରେ ଥିବା ଗାର୍ଲସ ଆରବିସି ପର୍ଯ୍ୟନ୍ତ ଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଆସ୍ୱାୟାର ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ବିଭିନ୍ନ ଗ୍ୟାରେଜରେ କାର୍ଯ୍ୟ କରୁଥିବା ୩ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇ ଏକ ଶିଶୁ ସୁରକ୍ଷା ସଂଗଠନକୁ ହସ୍ତାନ୍ତର କରାଯାଇଥିଲା।

## ନିର୍ମାଣାଧୀନ ପ୍ରକଳ୍ପ କାର୍ଯ୍ୟ ସାରିବା ଉପରେ ଗୁରୁତ୍ୱ

### ବ୍ଲକସ୍ତରୀୟ ଜନଶୁଣାଣି

ବାସୁଦେବପୁର,୨୦।୧୧(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଫିସ୍ ପରିସରରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ୨୦୨୧-୨୨ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ମୋଟ ୭୬୧୫ ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଥିବା ବେଳେ ସେଥିମଧ୍ୟରୁ ୪୫୪୦ଟିର କାର୍ଯ୍ୟ ଶେଷ ହୋଇଛି। ୩୦୭୫ ପ୍ରକଳ୍ପ ନିର୍ମାଣାଧୀନ ଥିବା ଜଣାଯାଇଛି। ମୋଟ ୪,୨୩,୦୮୦ଟି କାର୍ଯ୍ୟ ଦିବସ ସୃଷ୍ଟି କରାଯାଇଥିବା ବେଳେ ୪୨ଜଣ ୧୦୦ ଦିନ କାର୍ଯ୍ୟ ପାଇପାରିଥିଲେ। ମୋଟ ୧୩.୯୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଅନୁଦାନ ରାଶି ଖର୍ଚ୍ଚ ହୋଇଥିବା ଶିବିରରେ ସୂଚନା ଦିଆଯାଇଛି। ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ଜିଲା ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ କୁଶଳ ଚନ୍ଦ୍ର ନାଏକ, ଜିଲା ସାମାଜିକ ସମୀକ୍ଷା ଅଧିକାରୀ ଅମର କୁମାର ସାହୁ, ବ୍ଲକ ଏଇଇ ଅନିଷ ସୁବୁଦ୍ଧି ରାୟ, ଭାରପ୍ରାପ୍ତ ଜିପିଇଓ ପ୍ରଭାତ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତା ଉପରେ କହିଥିଲେ। ନିର୍ମାଣାଧୀନ ପ୍ରକଳ୍ପ କାର୍ଯ୍ୟ ତୁରନ୍ତ ଶେଷ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବ୍ଲକ ଏପିଓ କାମିନୀରାଣୀ ଓଝା ଶିବିରର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ।

## ଆଉଟ୍ ସୋର୍ସିଂ କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ

ପାଟଣା,୨୦।୧୧(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟରତ ୨୨ କର୍ମଚାରୀ ଓ ଆଉଟ୍ ସୋର୍ସିଂର ୧୫ରୁ ଉର୍ଦ୍ଧ୍ୱ କର୍ମଚାରୀ ସ୍ଥାୟୀ ନିଯୁକ୍ତି ଦାବିରେ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ କରୁଛନ୍ତି। ଏ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ଶୁଭେନ୍ଦୁ ସାଗର ନାଏକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ନେଇ ଆସନ୍ତାରେ ୨୬ରେ ଭୁବନେଶ୍ୱରରେ ପ୍ରତିବାଦ କରିବେ ବୋଲି ସୂଚନା ଦେଇଛନ୍ତି।

## ବାଲି ଟ୍ରାକ୍ଟର ଜବତକୁ ନେଇ ଉତ୍ତେଜନା

ବଡ଼ସାହି,୨୦।୧୧(ଡି.ଏନ୍.ଏ)

ଏକ ବାଲି ଟ୍ରାକ୍ଟରକୁ ଜବତ ନେଇ ଶନିବାର ରାତିରେ ମୟୂରଭଞ୍ଜ ଜିଲା ବଡ଼ସାହି ତହସିଲ ପରିସରରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ପୋଲିସ ହସ୍ତକ୍ଷେପ ପରେ ସମାଧାନ ହୋଇଥିବା ଜଣାପଡ଼ିଛି। ସ୍ଥାନୀୟ ତହସିଲଦାର ଗଦାଧର ଧଳ ବିନା କାଗଜପତ୍ରରେ ଚାଲାଣ ହେଉଥିବା ଏକ ବାଲି ଟ୍ରାକ୍ଟରକୁ ଜବତ କରି ତହସିଲ କାର୍ଯ୍ୟାଳୟ ପରିସରକୁ ଆଣିଥିଲେ। ଘଟଣାକୁ ନେଇ ସ୍ଥାନୀୟ ଲୋକ ଓ ତହସିଲଦାରଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ତହସିଲ ଅଫିସ ଆଗରେ ଯାଉଥିବା ବାଲି ଟ୍ରାକ୍ଟର ଜବତ ନ କରି ଗ୍ରାମାଞ୍ଚଳରେ ଚାଲୁଥିବା ଟ୍ରାକ୍ଟରକୁ ତହସିଲଦାର ଉଦ୍ଦେଶ୍ୟ ମୂଳକ ଭାବେ ଧରୁଛନ୍ତି ବୋଲି ସାମକୁଳା ଗ୍ରାମର ପଦ୍ମଲୋଚନ ମହାନ୍ତ ଅଭିଯୋଗ କରିଥିଲେ। ଉତ୍ତେଜନା ପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହେବାରୁ ସ୍ଥାନୀୟ ଥାନାଧିକାରୀ ପହଞ୍ଚି ସମାଧାନ କରିଥିଲେ। ଶେଷରେ ଟ୍ରାକ୍ଟର ମାଲିକ ୧୬ ହଜାର ଟଙ୍କା ଜରିମାନା ଦେଇ ଗାଡ଼ି ନେଇଥିଲେ।

## ମହାଲକ୍ଷ୍ମୀ ମନ୍ଦିରର ପ୍ରତିଷ୍ଠା ଦିବସ

ଯୋଡ଼ା,୨୦।୧୧(ଡି.ଏନ.ଏ): କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ ମହାଲକ୍ଷ୍ମୀ ମନ୍ଦିରର ସପ୍ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ମନ୍ଦିର ପ୍ରାଙ୍ଗଣରେ ଅଧିବାସ ଓ ଅଙ୍କୁରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ପୂଜା ଆରମ୍ଭ ହୋଇଥିବା ବେଳେ ରବିବାର ସୂର୍ଯ୍ୟପୂଜା, ଗୋପୂଜା, ମହାଲକ୍ଷ୍ମୀ ଗୀତା ଯଜ୍ଞ, ଶ୍ରୀ ସମୁଟକ ପୂଜା କରାଯାଇଥିଲା। ସୋମବାର ଯଜ୍ଞାଧି କର୍ମ, ଚଣ୍ଡୀ ମହାଯଜ୍ଞ ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ସ୍ଥିର ହୋଇଛି। ମନ୍ଦିର କମିଟିର ସଭାପତି ଦୁଃଶାସନ ସାହୁ, ଉପ ସଭାପତି ନୀଳମଣି ମହାନ୍ତି, ସହ ସମ୍ପାଦକ ହୃଷୀକେଶ ଜେନାଙ୍କ ସମେତ କମିଟି ସଦସ୍ୟମାନେ ପରିଚାଳନା କରିଥିଲେ।

# ନୂତନଭାବେ ଚିହ୍ନଟ ୧୦୬ ଗାଁକୁ ଗୁରୁତ୍ୱ

### ଡିଏମ୍ଏଫ୍‌ର ଏକାଦଶତମ ଟ୍ରଷ୍ଟ ବୋର୍ଡ ବୈଠକ

କେନ୍ଦୁଝର,୨୦।୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମ୍ଏଫ୍)ର ଏକାଦଶତମ ଟ୍ରଷ୍ଟ ବୋର୍ଡ ବୈଠକ ଶନିବାର ଜିଲାପାଳ ତଥା ଡିଏମ୍ଏଫ୍‌ର ଅଧ୍ୟକ୍ଷ ତଥା ପରିଚାଳନା ଟ୍ରଷ୍ଟି ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଦରବାର ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜିଲାପାଳ ଠାକରେ ଡିଏମ୍ଏଫ୍ ସହଯୋଗରେ ଶିଶୁମାନଙ୍କର ପୌଷ୍ଟିକ ଅଭିବୃଦ୍ଧି ପାଇଁ ଅଙ୍ଗନୱାଡି ଶିଶୁଙ୍କୁ ମାଣ୍ଡିଆ ଲଡୁ ଯୋଗାଣ, କର୍ମଜୀବୀ ମହିଳାଙ୍କ ଶିଶୁମାନଙ୍କ ଯତ୍ନ ଓ ପୁଷ୍ଟି ସାଧନ ପାଇଁ କ୍ରେଚ୍ ସ୍ଥାପନ, ମାତୃ ଓ ଶିଶୁ ମୃତ୍ୟୁହାର ରୋକିବା ପାଇଁ ମା' ଗୃହ ସ୍ଥାପନ ଏବଂ ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜଳକ୍ଲିଷ୍ଟ ଅଞ୍ଚଳରେ ନଳକୂପ, ସୋଲାର ମାଧ୍ୟରେ ପାନୀୟ ଜଳ ଯୋଗାଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ନୂତନଭାବେ ଚିହ୍ନଟ ହୋଇଥିବା ୧୦୬ଟି ଗାଁ ସମ୍ପର୍କରେ ଆଲୋଚନା କରି ପ୍ରତି ପଞ୍ଚାୟତରେ ଲାଇବ୍ରେରୀ ସ୍ଥାପନ, ଖେଳପଡ଼ିଆ ନିର୍ମାଣ ଏବଂ ପାର୍କ ନିର୍ମାଣ ସମ୍ପର୍କରେ ସୂଚନା ଦେଇଥିଲେ। ଏତଦ୍‌ବ୍ୟତୀତ ପୂର୍ବ ଟ୍ରଷ୍ଟ ବୋର୍ଡ ବୈଠକର ଅନୁମୋଦିତ ବିବରଣୀ ସମ୍ପର୍କରେ ଆଲୋଚନା ସହିତ ୨୦୨୦-୨୧ ଏବଂ ୨୦୨୧-୨୨ ବର୍ଷର ବାର୍ଷିକ ରିପୋର୍ଟ ଉପସ୍ଥାପନା କରାଯାଇଥିଲା। ବୈଠକରେ କେନ୍ଦୁଝର ଲୋକସଭା ସଦସ୍ୟା ଚନ୍ଦ୍ରାଣୀ ମୁର୍ମୁ, ତେଲକୋଇ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରେମାନନ୍ଦ ନାୟକ, କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀ, ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ, ଜିଲାପରିଷଦର ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତଥା ଡିଏମଏଫର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଅତିରିକ୍ତ ଜିଲାପାଳ ସୁଷମା ବିଲୁଙ୍ଗ, ଡିଏମ୍ଏଫ ଟ୍ରଷ୍ଟ ବୋର୍ଡର ସଦସ୍ୟା/ସଦସ୍ୟ, ସମ୍ପୃକ୍ତ ଲାଇନ୍ ଡିପାର୍ଟମେଣ୍ଟର ଜିଲାସ୍ତରୀୟ ଅଧିକାରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


ବୈଠକରେ ଜିଲାପାଳଙ୍କ ସହ ଅନ୍ୟମାନେ।

# ଉନ୍ନୟନ କାର୍ଯ୍ୟରେ ବାଧା ଦେଉଛନ୍ତି ବିଧାୟକ: ପୌରାଧ୍ୟକ୍ଷା

ଭଦ୍ରକ ଅଫିସ,୨୦।୧୧

ଭଦ୍ରକ ପୌରପାଳିକାରେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ କିଛି ନ୍ୟସ୍ତ ସ୍ୱାର୍ଥ ରାଜନେତା ବାଧା ଦେଉଛନ୍ତି। ତାଙ୍କ ଅନୁଗତ ଓ ସମର୍ଥନରେ ଥିବା କାଉନସିଲରମାନେ ସହଯୋଗ କରୁନାହାନ୍ତି। ୱାର୍ଡକୁ ପରିଦର୍ଶନ ଓ ଲୋକଙ୍କ ସମସ୍ୟା ବୁଝିବାକୁ ଗଲେ ସେହି କାଉନସିଲରମାନଙ୍କୁ ଡାକିଲେ ମଧ୍ୟ ଦେଖା ଦେଉନାହାନ୍ତି। ବିଧାୟକଙ୍କୁ ଲୁଚି ମୋତେ ଦେଖା କରୁଛନ୍ତି କିନ୍ତୁ ଖୋଲାଖୋଲି ସହଯୋଗ କରୁନାହାନ୍ତି। ରବିବାର ପୌର କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ ଭଦ୍ରକ ପୌରାଧ୍ୟକ୍ଷା ଗୁଲମକ୍କୀ ହବିବ ଏଭଳି ଅଭିଯୋଗ କରିଛନ୍ତି।


ଖବରଦାତା ସମ୍ମିଳନୀରେ ପୌରାଧ୍ୟକ୍ଷା ଗୁଲମକ୍କୀ ହବିବ ଓ ଅନ୍ୟମାନେ।

ପୌର ନିର୍ବାଚନ ପରଠାରୁ ପୌରପାଳିକା ପିଛା ଛାଡୁନି ବିବାଦ। ଆଉ ଏବେ ବିଧାୟକ ଓ ପୌରାଧ୍ୟକ୍ଷାଙ୍କ ମଧ୍ୟରେ ଥିବା ବିବାଦ ଏଥିରୁ ସ୍ପଷ୍ଟ ହୋଇଛି। ବିଧାୟକଙ୍କ ନାଁ ନ ନେଇ ପୌରପାଳିକାର ଉନ୍ନୟନ କାର୍ଯ୍ୟରେ ସେ ବାଧା ସୃଷ୍ଟି କରୁଥିବା ପୌରାଧ୍ୟକ୍ଷା ଅଭିଯୋଗ କରିଛନ୍ତି। ପୌରାଧ୍ୟକ୍ଷା ଭାବେ ଦାୟିତ୍ୱ ନେବା ପରଠାରୁ ସହରର ପରିମଳ ବ୍ୟବସ୍ଥା, ମୁଖ୍ୟ ଡ୍ରେନ୍‌ଗୁଡ଼ିକ ସଫା କରାଇବା, ଆଲୋକୀକରଣ ବ୍ୟବସ୍ଥା, ଅସାମାଜିକ କାର୍ଯ୍ୟକଳାପକୁ ରୋକିବା ପାଇଁ ଜିଲା ପ୍ରଶାସନକୁ ସହାୟତା କରିବା ନିମନ୍ତେ ମୁଖ୍ୟ ଛକଗୁଡ଼ିକରେ ସିସିକ୍ୟାମେରା ଲଗାଇବା, ୩୦ ୱାର୍ଡରେ ଚାରାରୋପଣ, ଆବଶ୍ୟକତା ଅନୁଯାୟୀ ଅସ୍ଥାୟୀ ଶୌଚାଳୟ ନିର୍ମାଣ ଆଦି ବିଭିନ୍ନ ଉନ୍ନୟନ କାର୍ଯ୍ୟ କରାଯାଇଛି। କିନ୍ତୁ ଏତିକିରେ ସେ ସନ୍ତୁଷ୍ଟ ନୁହେଁ ବୋଲି ପୌରାଧ୍ୟକ୍ଷା କହିଛନ୍ତି। ସହରରେ ବହୁତ କିଛି କାମ କରିବାକୁ ଥିବାବେଳେ ବିଧାୟକ ସହଯୋଗ ବଦଳରେ ଓଲଟି ବାଧା ସୃଷ୍ଟି କରୁଛନ୍ତି। ପୁରୁଣାବଜାର ଅଞ୍ଚଳରେ ଗୋଟିଏ ଆମ୍ବୁଲାନ୍ସ ଓ ମହାପ୍ରୟାଣ ଗାଡ଼ି ବ୍ୟବସ୍ଥା ପାଇଁ ସେ ଏମ୍‌ପିଙ୍କୁ ଅନୁରୋଧ କରିଛନ୍ତି। କିନ୍ତୁ ବିଧାୟକ ଏହାକୁ ବିରୋଧ କରୁଥିବା ସେ କହିଛନ୍ତି। ତାଙ୍କର କୌଣସି କାର୍ଯ୍ୟରେ ମୁଁ ବାଧା ଦେଉ ନ ଥିବାବେଳେ ସେ ମୋ କାମରେ କାହିଁକି ବାଧା ଦେଉଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ପୌରାଧ୍ୟକ୍ଷା।

ଏ ସମ୍ପର୍କରେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ କହିଛନ୍ତି, ଏ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। ସହରର ଉନ୍ନତି ପାଇଁ ମୁଁ ସମ୍ପୂର୍ଣ୍ଣ ସହଯୋଗର ହାତ ବଢ଼ାଇବାକୁ ପ୍ରସ୍ତୁତ ଅଛି। ପୌରାଧ୍ୟକ୍ଷାଙ୍କ ମନରେ ଯଦି କ୍ଷୋଭ ନାହିଁ ସେ ସହଯୋଗର ହାତ ବଢ଼ାନ୍ତୁ। ସହରର ବିଭିନ୍ନ ଉନ୍ନୟନ କାର୍ଯ୍ୟ ନିମନ୍ତେ ପୌରପାଳିକାର ଶେଷ ବୈଠକରେ ୨୨ କୋଟି ଟଙ୍କାର ପ୍ରକଳ୍ପ ଅନୁମୋଦନ ହୋଇଛି। ବାକି କାମ ପାଇଁ ସବୁ ପ୍ରକାର ସହଯୋଗ କରିବାକୁ ମୁଁ ପ୍ରସ୍ତୁତ ଅଛି। କାଉନସିଲର ଜାହିଦ ଶାହା, ରୁକ୍‌ସାନା ଖାତୁନ, ସାହିଲ କାଦ୍ରୀ, ଜମୁନା ସୋରେନ, ଜ୍ୟୋତିର୍ମୟ ପଟ୍ଟନାୟକ, ଶେଖ୍ ଜାହିଦ୍ ହବିବ, ରିଆଜ ଖାଁ, ପୂର୍ବତନ କାଉନସିଲର ଆୟୁବ ଖାଁ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

**ବାଲେଶ୍ୱର**

- ବିଶ୍ୱ ମତ୍ସ୍ୟ ଦିବସ-୨୦୨୨, ସ୍ଥାନ- ବ୍ରିଟ୍ କଲ୍ୟାଣମଣ୍ଡପ, ସମୟ - ପୂର୍ବାହ୍ନ ୯ଟା।
- ପୋଲିସ ଏବଂ ପରିବହନ ଅଧିକାରୀଙ୍କ ପାଇଁ ରାଜ୍ୟସ୍ତରୀୟ କ୍ରାସ୍ ଅନୁସନ୍ଧାନ ତାଲିମ, ସ୍ଥାନ - ଏଲ୍ଏନ୍ ପ୍ଲାଜା, ତାମୁଲିଆ ଗେଟ୍, ସମୟ - ପୂର୍ବାହ୍ନ ୧୦ଟା।
- ୩୦ତମ ସିନିୟର ରାଜ୍ୟ ବଲ୍ ବ୍ୟାଡ୍‌ମିଣ୍ଟନ୍ ଚାମ୍ପିୟନସିପ୍ (ମହିଳା ଓ ପୁରୁଷ) ଉଦ୍‌ଯାପନ, ସ୍ଥାନ - ଶ୍ରୀନିକ୍ସ କଲେଜ ଖେଳ ପଡ଼ିଆ, ସମୟ - ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଇତିହାସ କଂଗ୍ରେସର ୪୨ ତମ ଅଧିବେଶନର ଦ୍ୱିତୀୟ ଦିବସ, ସ୍ଥାନ- ଫକୀରମୋହନ ବିଶ୍ୱବିଦ୍ୟାଳୟ, ସମୟ- ପୂର୍ବାହ୍ନ ୧୦ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ - ନୀଳଗିରି ବ୍ଲକ କାର୍ଯ୍ୟାଳୟ, ସମୟ - ପୂର୍ବାହ୍ନ ୧୦ଟା
- ଉତ୍କଳକେଶରୀ ଡ.ହରେକୃଷ୍ଣ ମହତାବଙ୍କ ଜୟନ୍ତୀ, ସ୍ଥାନ- ପୂର୍ତ୍ତ ବିଭାଗର ଡାକବଙ୍ଗଳା, ସମୟ - ପୂର୍ବାହ୍ନ ୧୧ଟା।

**ଭଦ୍ରକ**

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ମହତାବ ଜୟନ୍ତୀ ପାଳନ, ସ୍ଥାନ: କର୍ମମନ୍ଦିର, ଆଗରପଡ଼ା, ସମୟ: ସନ୍ଧ୍ୟା ୬ଟା।

# 'ସୀମା ସୁରକ୍ଷା ପାଇଁ ଜଳେଶ୍ୱରକୁ ଜିଲା କରାଯାଉ'

**ଜଳେଶ୍ୱର,୨୦।୧୧(ଡି.ଏନ୍.ଏ.)**

ଏଣିକି ସବ୍‌ଡିଭିଜନ୍ ନୁହେଁ, ଜଳେଶ୍ୱର ଅଞ୍ଚଳକୁ ନେଇ ଜିଲା ଘୋଷଣା ଲାଗି ଦାବି ଜୋର ଧରିଛି। ଭୌଗୋଳିକସ୍ଥିତି ଲାଗି ରାଜ୍ୟର ଉତ୍ତର ସୀମାର ସୁରକ୍ଷା, ପର୍ଯ୍ୟଟନ ବଳୟ ସୃଷ୍ଟି, ସୁବର୍ଣ୍ଣରେଖା ନଦୀବାଲିର ସ୍ଥାୟୀ ସମାଧାନ, ଉଦ୍‌ବୃତ୍ତ ବର୍ଷପାଣିର ପରିଚାଳନା ସହିତ ସୁବର୍ଣ୍ଣରେଖା ସଂସ୍କାର, ବେଳାଭୂମୀର ସୁରକ୍ଷା, ସୁବର୍ଣ୍ଣରେଖା ବନ୍ଦର ପ୍ରତିଷ୍ଠା ଓ ବିମାନଘାଟୀର ନବୀକରଣ ଲାଗି ଜଳେଶ୍ୱରକୁ ଏକ ଜିଲା ଘୋଷଣା ଲାଗି ବୁଦ୍ଧିଜୀବୀମାନେ ଦାବି କରିଛନ୍ତି ।

୧୯୭୬ରେ ବିଧାନସଭା ଓ ବିଧାନସଭା ବାହାରେ ଜଳେଶ୍ୱରକୁ ସବ୍‌ଡିଭିଜନ୍ ଲାଗି ଦାବି ହୋଇଥିଲା। ପରେ ଜଳେଶ୍ୱର ଓକିଲ ସଂଘ, ବଣିକ ସଂଘ, ସମାଜକଲ୍ୟା ବିକାଶ ପରିଷଦ, ବିଭିନ୍ନ ସମୟରେ ବିଧାୟକ ଓ ସାଂସଦମାନେ ଜଳେଶ୍ୱରକୁ ସବ୍‌ଡିଭିଜନ୍ ଘୋଷଣା ଲାଗି ଦାବି ଉତ୍ଥାପନ କରିଆସିଥିଲେ। ବାରମ୍ବାର ଦାବି ଓ ବଳିଷ୍ଠ ଯୁକ୍ତି ଦର୍ଶାଯାଇ ଆସୁଥିଲେ ମଧ୍ୟ ଅଦ୍ୟାବଧି ସବ୍‌ଡିଭିଜନ୍ ଘୋଷଣା ହୋଇ ପାରିନାହିଁ। ଏବେ ରାଜ୍ୟର ଦେବଗଡ଼, ନୂଆପଡ଼ା ଓ ବୌଦ୍ଧ ଭଳି କେତେକ ଜିଲାର ଲୋକ ସଂଖ୍ୟା ୫ଲକ୍ଷ ମଧ୍ୟରେ ରହିଛି। ତେବେ ଜଳେଶ୍ୱର, ଭୋଗରାଇ, ବାଲିଆପାଳ, ବସ୍ତା, ରାସଗୋବିନ୍ଦପୁର ଅଞ୍ଚଳକୁ ନେଇ ଜଳେଶ୍ୱର ପ୍ରତିଷ୍ଠା ହେଲେ ଏହାର ଲୋକ ସଂଖ୍ୟା ପ୍ରାୟ ୧୨ଲକ୍ଷ ହେବ। ରାଇବଣିଆ ଦୁର୍ଗ, ଏସିଆର ସର୍ବବୃହତ ଶିବ ଲିଙ୍ଗ ଭୂଷଣ୍ଡେଶ୍ୱର, ନିସ୍ତବ୍ଧ ବେଳାଭୂମୀ ଉଦୟପୁର-ତାଳସାରୀ, ସର୍ବବୃହତ ଚଡ଼କମେଳ ଚନ୍ଦନେଶ୍ୱର, ସୁବୃହତ କାଷ୍ଠ ନିର୍ମିତ ଦେବୀପୀଠ ବିଜୟ ବାସୁଳି, ଲକ୍ଷ୍ମଣନାଥ ମହାଶୟ ଗଡ଼, ଡଗରା ବେଳାଭୂମୀ, ବାଲିଆପାଳ ଜଗନ୍ନାଥ ମନ୍ଦିର, ରାସଗୋବିନ୍ଦପୁରରେ ବିମାନଘାଟୀ ଇତ୍ୟାଦି ରହିଥିବାରୁ ଏହାର ବିକାଶ ଆବଶ୍ୟକତା ରହିଛି। ସୁବର୍ଣ୍ଣରେଖା ନଦୀଦ୍ୱାରା ଜଳେଶ୍ୱର, ଭୋଗରାଇ, ବସ୍ତା, ବାଲିଆପାଳ ଓ ରାସଗୋବିନ୍ଦପୁର ବ୍ଲକ ସୁଜଳା ସୁଫଳା ହେଉଥିବା ବେଳେ


ବୈଠକରେ ଉପସ୍ଥିତ ସମାଜ କଲ୍ୟାଣ ବିକାଶ ପରିଷଦର କର୍ମକର୍ତ୍ତା।

ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥାଏ। ସୁବର୍ଣ୍ଣରେଖା ସଂସ୍କାର ଯୋଜନା କାର୍ଯ୍ୟକାରୀ କରିବା, ସୁବର୍ଣ୍ଣରେଖା ବାଲି, ମୋରମ, ମାଟି ଚୋରା ଚାଲାଣକୁ ରୋକିବା ତଥା ଖଣି, ପରିବେଶ, ଜଙ୍ଗଲ ଓ ପ୍ରଦୂଷଣ ରୋକିବା ଲାଗି ଜିଲାସ୍ତରୀୟ କାର୍ଯ୍ୟାଳୟ ଆବଶ୍ୟକ। ଭୋଗରାଇ ଓ ବାଲିଆପାଳଠାରୁ ମାତ୍ର ୩୦କି.ମି. ଦୂରରେ ବାଂଲାଦେଶ ଥିବାରୁ ଏବଂ ବିସ୍ତିର୍ଣ୍ଣ ବେଳାଭୂମୀ ଦେଇ ବାହ୍ୟ ଶତ୍ରୁ ଆକ୍ରମଣ ଓ ରାଜ୍ୟକୁ ମାଦକ ଦ୍ରବ୍ୟର ଚୋରା ଚାଲାଣରୁ ମୁକ୍ତ ରଖିବାଲାଗି ଜିଲାସ୍ତରୀୟ ପ୍ରଶାସନିକ ସୁରକ୍ଷା ଆବଶ୍ୟକ ରହିଛି। ପଶ୍ଚିମବଙ୍ଗର ୯୧ଗାଁ ସହିତ ଓଡ଼ିଶାର ୮୨ଗାଁର ସୀମା ପାଖାପାଖି ହୋଇଥିବାରୁ ତଥା ୧୪ ଗାଁର ସୀମା ଅମିମାଂସୀତ ଥିବାରୁ ଏହାର ସ୍ଥାୟୀ ପ୍ରତିକାର ହୋଇ ପାରୁନାହିଁ। ପ୍ରାକୃତିକ ବିପର୍ଯ୍ୟୟ ଓ ସୁରକ୍ଷା ଦୃଷ୍ଟିରୁ ଉତ୍ତର ଓଡ଼ିଶାରେ ଥିବା ରାସଗୋବିନ୍ଦପୁର ବିମାନଘାଟୀକୁ କାର୍ଯ୍ୟକ୍ଷମ ଲାଗି ଜିଲାସ୍ତରୀୟ ପ୍ରଶାସନର ପ୍ରମୁଖ ଭୂମିକା ରହୁଥିବାରୁ ଜଳେଶ୍ୱରକୁ ଏକ ଜିଲା ଘୋଷଣା କରିବାକୁ ସାଧାରଣରେ ଦାବି ହୋଇଛି ।

ଏ ସମ୍ପର୍କରେ ରବିବାର ଜଳେଶ୍ୱର ଦିଗମ୍ବରୀ ଦେବୀ ଆଇଟିଆଇ ପରିସରରେ ସମାଜ କଲ୍ୟାଣ ବିକାଶ ପରିଷଦ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ରମାକାନ୍ତ ଭଞ୍ଜ ଏଥିରେ ଅଧ୍ୟକ୍ଷତା କରିଥିଲେ। ପରିଷଦର ସମ୍ପାଦକ ତଥା ଆଇନଜୀବୀ ରାମଚନ୍ଦ୍ର ଜେନା ସବିଶେଷ ତଥ୍ୟ ଉତ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ବିପିନ ବିହାରୀ ବିଶ୍ୱାଳ, ଅବସରପ୍ରାପ୍ତ ଅଧ୍ୟକ୍ଷ ଜିତାରାମ ଦେ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଶରତ ଚନ୍ଦ୍ର ପରିଡା, ଇଂ. ରାମଚନ୍ଦ୍ର ସାହୁ, ଅବସରପ୍ରାପ୍ତ ଶିକ୍ଷାଧିକାରୀ ବନମାଳି ଧଳ, ଓଷ୍ଟା ସମ୍ପାଦକ ଡ. ଅଜିତ୍ କୁମାର ମହାନ୍ତି, କାଉନସିଲର ପ୍ରତିନିଧି ଆଦିତ୍ୟ ନାରାୟଣ ପାତ୍ର, ଖବରଦାତା ଅବନୀ ଚନ୍ଦ, ରବିନାରାୟଣ ପାତ୍ର ପ୍ରମୁଖଙ୍କ ସହିତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହି ଜଳେଶ୍ୱରକୁ ଜିଲା ଘୋଷଣା ଲାଗି ଦାବି କରିଛନ୍ତି।

## ସିମେଣ୍ଟ ବୋଝେଇ ଟ୍ରକ୍ ଧକ୍କାରେ ଜଣେ ମୃତ

**ଠାକୁରମୁଣ୍ଡା,୨୦।୧୧(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାରେ ରବିବାର ସନ୍ଧ୍ୟା ସମୟରେ ଏକ ସିମେଣ୍ଟ ବୋଝେଇ ଟ୍ରକ ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ବାଇକକୁ ଧକ୍କା ଦେଇ ଟ୍ରକଟି ମଧ୍ୟ ଓଲଟି ପଡ଼ିଥିଲା। ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ହେଲପର ଗୁରୁତର ହୋଇଛନ୍ତି। ମୃତ ବାଇକ ଚାଳକଙ୍କ ପରିଚୟ ମିଳିପାରିନାହିଁ। ସିମେଣ୍ଟ ବୋଝେଇ ଟ୍ରକ୍ ଝିକପାଣିରୁ ଠାକୁରମୁଣ୍ଡା ଅଭିମୁଖେ ଯାଉଥିଲା। କେନ୍ଦୁମୁଣ୍ଡି-ଅସନବଣୀ ମଝି ଘାଟିରେ ଠାକୁରମୁଣ୍ଡା ବ୍ଲକ୍‌ରେ କାର୍ଯ୍ୟରତ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠଯନ୍ତ୍ରୀ ସଞ୍ଜୟ ମଣ୍ଡଳ ଓ ତାଙ୍କ ସ୍ତ୍ରୀ ଓ ଝିଅ ବାଇକ ଯୋଗେ ଯାଉଥିବା ବେଳେ ତାଙ୍କୁ ପ୍ରଥମେ ଧକ୍କା ଦେଇ ପଳାଇ ଯାଇଥିଲା। କିଛି ଦୂର ଯିବା ପରେ ସୁନାରିପୋଷି ନିକଟରେ ବାଇକ୍ ଚାଳକଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଠାକୁରମୁଣ୍ଡା ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରୁଛି।

## ପୃଥକ ମାମଲାରେ ୨ ଗିରଫ

ବାରିପଦା ଅଫିସ,୨୦।୧୧- ମୟୂରଭଞ୍ଜ ଜିଲା ବାରିପଦା ସଦର ପୋଲିସ ପୃଥକ ମାମଲାରେ ଦୁଇ ଅଭିଯୁକ୍ତକୁ ଗିରଫ କରିଛି। ଜଣେ ଅଭିଯୁକ୍ତ ହେଲେ ପଶ୍ଚିମବଙ୍ଗ ରାଜ୍ୟ ଝାଡ଼ଗ୍ରାମ ଜିଲା ବେଲଗଦିଆର ଏସ୍‌କେ ହସନ୍ ଅଲ୍ଲୀ। ତଥ୍ୟ ସୁରକ୍ଷା ଦୃଷ୍ଟିରୁ ଅନ୍ୟ ଜଣଙ୍କ ନାମ ପୋଲିସ ଗୋପନ ରଖିଛି। ରବିବାର ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା। ସୂଚନା ମୁତାବକ, ଗତ ୧୨ତାରିଖରେ ଜଗନ୍ନାଥ ମନ୍ଦିର ନିକଟ ଏକ ଘରୁ ଚୋରି ଉଦ୍ଦେଶ୍ୟରେ ଦୁଇ ଜଣ ଘରର ତାଲା ଭାଙ୍ଗିଥିଲେ। ସ୍ଥାନୀୟ ଲୋକେ ଦେଖି ପାଟି କରିବାରୁ ଏକ ଦେଶୀ ବନ୍ଧୁକରେ ଗୁଳି ଚାଳଣା କରି ଅଭିଯୁକ୍ତ ଦ୍ୱୟ ଫେରାର ହୋଇଯାଇଥିଲେ। ଘର ମାଲିକ ଜ୍ଞାନରଞ୍ଜନ ଶତପଥିଙ୍କ ଅଭିଯୋଗ ଆଧାରରେ (ନଂ-୯୬୭/୨୨)ରେ ମାମଲା ରୁଜୁ କରି ଅଭିଯୁକ୍ତକୁ ଝାଡ଼ଖଣ୍ଡ ରାଜ୍ୟ ରାଞ୍ଚିରୁ ପୋଲିସ ଗିରଫ କରିଛି। ଅନ୍ୟଜଣେ ଫେରାରଥିବାରୁ ଗିରଫ ଜଣଙ୍କର ପରିଚୟ ପ୍ରଦାନ କରାଯାଇନାହିଁ।ସେହିପରି ଜନୈକ ଯୁବତୀଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରଲ ଅଭିଯୋଗରେ ପୋଲିସ ଅନ୍ୟ ଏକ ମାମଲା(କେସ ନଂ-୯୮୩/୨୨)ରେ ଅଭିଯୁକ୍ତ ପଶ୍ଚିମବଙ୍ଗ ରାଜ୍ୟ ଝାଡ଼ଗ୍ରାମ ଜିଲା ବେଲଗଦିଆର ଏସ୍‌କେ ହସନ୍ ଅଲ୍ଲୀଙ୍କୁ ଗିରଫ କରିଛି। ଘଟଣାରେ ପୂର୍ବରୁ ଜଣେ ଗିରଫ ହୋଇଥିଲେ।

# 'ବଳରାମ ଥିଲେ ସାଧାରଣ ଜନତାଙ୍କ ସ୍ୱର'



ଶୋକ ସଭାରେ ଉପସ୍ଥିତ ବିଜେଡି କାର୍ଯ୍ୟକର୍ତ୍ତା।

**ବାଲେଶ୍ୱର ଅଫିସ,୨୦।୧୧**

ବାଲେଶ୍ୱର ସହର ଓଟି ରୋଡ୍ ସ୍ଥିତ ବିଜେଡି ଜିଲା କାର୍ଯ୍ୟାଳୟରେ ସଂଗ୍ରାମୀ ବିଜେଡ଼ି ନେତା ସ୍ୱର୍ଗତ ବଳରାମ ସାହୁଙ୍କ ବିୟୋଗରେ ରବିବାର ଏକ ଶୋକସଭା ଅନୁଷ୍ଠିତ ହୋଇଛି। ଜିଲା ବିଜେଡି ଉପସଭାପତି ଗୌରୀ କୁମାର ରାଉତ ଏଥିରେ ସଭାପତିତ୍ୱ କରିଥିଲେ। ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ସୁବାସିନୀ ଜେନା ଯୋଗଦେଇ ସ୍ୱର୍ଗତ ସାହୁଙ୍କ ସ୍ମୃତି ଚାରଣ କରି ସେ ଥିଲେ ବାଲିଆପାଳ ମାଟିର ସାଧାରଣ ଜନତାଙ୍କ ସ୍ୱର ଏବଂ ତାଙ୍କ ବିୟୋଗରେ ବିଜେଡି ଜଣେ ସଂଗ୍ରାମୀ ନେତାଙ୍କୁ ହରାଇଲା ବୋଲି ବକ୍ତବ୍ୟ ରଖିଥିଲେ। ରାଜ୍ୟ ଯୁଗ୍ମ ସମ୍ପାଦକ ଗତିକୃଷ୍ଣ ନନ୍ଦ, ଜିଲା ବିଜେଡ଼ି ଉପ-ସଭାପତି ଭୁବନାନନ୍ଦ ଦାସ, ଜିଲା ମହିଳା ବିଜେଡି ସଭାପତି ବିନ୍ଦୁବାଳା ନନ୍ଦୀ, ଜିଲା ବିଜେଡି ହରିଜନ ମୋର୍ଚ୍ଚାର ସଭାପତି ଶତ୍ରୁଘ୍ନ ମଲ୍ଲିକ, ଜିଲା ବିଜେଡ଼ି କୃଷକ ମୋର୍ଚ୍ଚା ସଭାପତି ଅଜୟ ସାମଲ, ଜିଲା ଯୁବ ବିଜେଡି ସଭାପତି ତାପସ କୁମାର ପରିଡ଼ା, ଜିଲା ଛାତ୍ର ବିଜେଡି ସଭାପତି ସିମନ ଦାସମହାପାତ୍ର, କାଉନସିଲର୍ ରଞ୍ଜିତା ମହାପାତ୍ର, ସନ୍ଧ୍ୟାରାଣୀ ଜେନା, ବରିଷ୍ଠ ବିଜେଡି ନେତା ନଳିନୀ ପଣ୍ଡା, ଗୌରୀ କୁମାର ବାରିକ, ରଞ୍ଜନ ବାଗ, ଅଶୋକ କୁମାର ସେନାପତି, ଉତ୍ପଳ ମହାନ୍ତି, ପ୍ରଦୀପ୍ତ ମହାପାତ୍ରଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସ୍ୱର୍ଗତ ସାହୁଙ୍କ ସ୍ମୃତିଚାରଣ କରିଥିଲେ।

## ସମାଜସେବା ମାନବର ସର୍ବଶ୍ରେଷ୍ଠ କର୍ତ୍ତବ୍ୟ

**ଭଣ୍ଡାରିପୋଖରୀ, ୨୦।୧୧(ସ୍ୱ.ପ୍ର.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ କଲ୍ୟାଣ ମଣ୍ଡପଠାରେ ଉତ୍କଳ ଫାଉଣ୍ଡେଶନ ଟ୍ରଷ୍ଟ ଓ ଉତ୍କଳ କମ୍ପ୍ୟୁଟର ଏକାଡେମୀ ପକ୍ଷରୁ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅଜିତ ପତିଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ମୁଖ୍ୟବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପାରାଦୀପ କଲେଜ ଅଧ୍ୟକ୍ଷ ଡ. ସୁରେନ୍ଦ୍ର ମୋହନ ମିଶ୍ର, ଶିକ୍ଷାବିତ୍ ନଟବର ରାଉଳ, ରବୀନ୍ଦ୍ର ଜେନା, ସାମାଜିକ କର୍ମୀ ନରୋତ୍ତମ ଦାସ, ଖବରଦାତା ରବିନାରାୟଣ ଖିଲାର, ଟ୍ରଷ୍ଟର ସମ୍ପାଦକ ତ୍ରିଲୋଚନ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସମାଜସେବା ଦ୍ୱାରା ସମାଜର ଉତ୍ତରଣ ହୁଏ। ସମାଜସେବା ହିଁ ମାନବର ସର୍ବଶ୍ରେଷ୍ଠ କର୍ତ୍ତବ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଆଦ୍ୟତା ନାମକ ଏକ ସ୍ମରଣିକାକୁ ମୁଖ୍ୟଅତିଥି ଉନ୍ମୋଚନ କରିଥିଲେ। ଶିକ୍ଷାବିତ୍ ଗୋଲକ ମହାନ୍ତି, ମଧୁସୂଦନ ବେହେରା, ଚିତ୍ରଶିଳ୍ପୀ କ୍ରୀତିକ୍ରିଷ୍ଣା ପଣ୍ଡାଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ସଙ୍ଗଠନର ମୁଖ୍ୟଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସନ୍ଧ୍ୟାରାଣୀ ପୃଷ୍ଟି। ମହେଶ୍ୱର ବେହେରା, ବିନୋଦ ବାରିକ, ନୀଳମଣି ସାହାଣୀ ପ୍ରମୁଖ ସହଯୋଗ କରିଥିଲେ।

## ୪୫୦ ରୋଗୀଙ୍କୁ ସ୍ୱାସ୍ଥ୍ୟସେବା

**ବନ୍ତ,୨୦।୧୧(ଡି.ଏନ୍.ଏ.)**

ସତ୍ୟସାଇ ବାବାଙ୍କ ଜୟନ୍ତୀ ଅବସରରେ ରବିବାର ଭଦ୍ରକ ଜିଲା ବନ୍ତସ୍ଥିତ ଚାରୁଚନ୍ଦ୍ର ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପରିସରରେ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଭାଗରେ ୪୫୦ ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଛି। ବନ୍ତସ୍ଥିତ ସାଇ ସମିତି ଓ ଗଭରପୁରସ୍ଥିତ ଚାରୁ ସାବିତ୍ରୀ ଚାରିଟେବଲ ଟ୍ରଷ୍ଟ ଆନୁକୂଲ୍ୟ, ଅବସରପ୍ରାପ୍ତ ଅଧ୍ୟାପକ ଡ.ସୁଧାଂଶୁ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ସତ୍ୟସାଇ ସେବା ସଙ୍ଗଠନର ରାଜ୍ୟ ଟ୍ରଷ୍ଟ ସଦସ୍ୟ ଇଂ.ସନାତନ ପାତ୍ର ଉଦ୍‌ଘାଟନ କରିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷା ରେବତୀ ନାୟକ, ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶକ ଅଧ୍ୟାପକ ସୁରେଶ ନାୟକ, ଭଦ୍ରକସ୍ଥିତ ସତ୍ୟସାଇ ବିଦ୍ୟାବିହାର ସଭାପତି ମନୋଜ ନାୟକ, ଗୌରାଙ୍ଗ ଧଳ, ଚାଇଁପୁର ସେବା ସମବାୟ ସମିତି ସଭାପତି ଅଜୟ ନାୟକ, ବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ଜେନା ଓ ଅବସରପ୍ରାପ୍ତ କର୍ମଚାରୀ ନୃସିଂହ ବାରିକ ଯୋଗ ଦେଇଥିଲେ। ଡା. ପ୍ରିୟ ରଞ୍ଜନ ବାରିକ, ଡା. ପ୍ରଶାନ୍ତ କୁମାର ପରିଡା, ଡା. ରାଧାରମଣ ସାହୁ, ଡା. ମମତା ନାୟକ, ଡା. ସ୍ମୃତି ରଞ୍ଜନ ସାମଲ, ଡା. ଚନ୍ଦ୍ରକାନ୍ତ ଜେନା, ଡା. ବ୍ଲୁଇସ୍ ପଟ୍ଟନାୟକ ଓ ଡା. ସନ୍ତୋଷ କୁମାର ପୃଷ୍ଟି ରୋଗୀଙ୍କ ଚିକିତ୍ସା ପାଇଁ ଥିବାବେଳେ ଫାର୍ମାସିଷ୍ଟ ଉଦୟନାଥ ପଣ୍ଡା, ବସନ୍ତ କୁମାର ଜେନା ସହଯୋଗ କରିଥିଲେ। ଆଇନଜୀବୀ ମାଧବାନନ୍ଦ ଦାସ, କେଦାରନାଥ ମହାନ୍ତି, ହେମନ୍ତ ମଲ୍ଲିକ, ଅନ୍ତର୍ଯ୍ୟାମୀ ବେହେରା, ନବ ଜେନା, ରବୀନ୍ଦ୍ର ସେଠୀ, ଗୌରାଙ୍ଗ ବେହେରା, କ୍ଷୀତିଶ ନାୟକ, କୁନା ସାହୁ, ଶକ୍ତିଧର ରାଉତ, ଗଣନାଥ ବେହେରାଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।


ସ୍ୱାସ୍ଥ୍ୟ ଶିବିରରେ ଡାକ୍ତର ରୋଗୀଙ୍କ ଚିକିତ୍ସା କରୁଛନ୍ତି।

## ଦୁର୍ନୀତି ବିରୋଧରେ ଖବରଦାତା ଲେଖା ଜାରି ରଖିବାକୁ ଆହ୍ୱାନ

**ଧାମନଗର,୨୦।୧୧(ଡି.ଏନ୍.ଏ.)**

ଖବରଦାତାମାନେ ସମାଜର ଜାଗ୍ରତ ପ୍ରହରୀ। ସାଧାରଣ ଲୋକଙ୍କ ସ୍ୱାର୍ଥ ସାଧନ ପାଇଁ ସେମାନଙ୍କ କଲମ ଚାଳନା ଜାରି ରହୁ। ବର୍ତ୍ତମାନ ସମାଜରେ ଦେଖାଦେଇଥିବା ଅନ୍ୟାୟ, ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ସେମାନେ ସ୍ୱର ଉତ୍ତୋଳନ କରିବା ସହ ନିଜର ଲେଖା ଜାରି ରଖିବା ଉଚିତ। ସେମାନେ ନିର୍ଭୀକ, ନିରପେକ୍ଷ ଖବର ପ୍ରକାଶ କଲେ ପୂର୍ବତନ ସାମ୍ବାଦିକ ପ୍ରଦ୍ୟୁମ୍ନ ବଳଙ୍କ ସ୍ୱପ୍ନ ସାକାର ହୋଇପାରିବ ବୋଲି ତାଙ୍କ ୯୦ତମ ଜୟନ୍ତୀ ଏବଂ ସ୍ମୃତି ପରିଷଦର ବାର୍ଷିକୋତ୍ସବରେ ଅତିଥିମାନେ ଆହ୍ୱାନ ଦେଇଛନ୍ତି। ଧାମନଗରସ୍ଥିତ ଅବଦୁଲ କଲାମ ସଭାଗୃହ ପରିସରରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ସମାରୋହରେ ସ୍ମୃତି ସଂସଦ ସଭାପତି ତଥା ଅଧ୍ୟାପକ ଚିତ୍ତରଞ୍ଜନ ଦାଶ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଧାମନଗର ପ୍ରେସ୍ କ୍ଲବ ସଭାପତି ବାସୁଦେବ ତ୍ରିପାଠୀ, ଆଇନଜୀବୀ ଦେବାଶିଷ ସାମଲ, କବି ଦୟାନିଧି ମିଶ୍ର, ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଉପାଧ୍ୟକ୍ଷ ସେକ୍ ନୁରାନୀ ପ୍ରମୁଖ ଯୋଗ ଦେଇଥିଲେ। ସରପଞ୍ଚ ଅଶୋକ ପୁହାଣ, ସମିତିସଭ୍ୟ ବିଦ୍ୟାଧର ରାଉତ, ଶିକ୍ଷାବିତ୍ ଅଭିମନ୍ୟୁ ମଲ୍ଲିକ, ମନୋଜ ସିଂହ, ମନୋଜ ଜେନା, ଆଇନଜୀବୀ ଅମରେନ୍ଦ୍ର ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସ୍ମୃତି କମିଟି ସମ୍ପାଦକ ପ୍ରଦୀପ ମହାପାତ୍ର ଉଦ୍ଦେଶ୍ୟ ଜ୍ଞାପନ ଓ ଶିକ୍ଷକନେତା ହେମେନ୍ଦ୍ରନାଥ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭା ଟୁନିବାଳା ସାହୁ, ବିଦ୍ୟାଧର ରାଉତ, ଅନୁସୟା ସାହୁ, ଅଶୋକ ପୁହାଣ ଓ ସେକ୍ ଆଜାଦ ଅଲ୍ଲୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ମୟୂରଭଞ୍ଜ ଜଙ୍ଗଲ ମଞ୍ଚର ପରିଚାଳନା ବୈଠକ

**ବାଙ୍ଗିରିପୋଷି,୨୦।୧୧(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଶିମିଳିପାଳ ରିସର୍ଟଠାରେ ମୟୂରଭଞ୍ଜ ଜଙ୍ଗଲ ମଞ୍ଚର ପରିଚାଳନା ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଘରାୟ ଟୁଡୁଙ୍କ ସଭାପତିତ୍ୱରେ ଜିଲାର ୪ ଉପଖଣ୍ଡରୁ ଆସିଥିବା ସମ୍ପାଦକ ଓ ସଦସ୍ୟା/ସଦସ୍ୟ ସମୂହ ଉପସ୍ଥିତ ରହି ଜଙ୍ଗଲ ଅଧିକାର ଆଇନ ୨୦୦୬, ୨୦୦୭ର ସଂଶୋଧିତ ନିୟମାବଳୀ ଏବଂ ୨୦୧୨ ଅନୁଯାୟୀ ପ୍ରକ୍ରିୟା କରଣ କରାଯିବାକୁ ଥିବା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ଆଲୋଚନା କରାଯାଇଥିଲା। ପଞ୍ଚାୟତସ୍ତରରେ ଜନସାଧାରଣଙ୍କୁ ସଚେତନତା କରାଯାଇ କିପରି ଜଙ୍ଗଲକୁ ସୁରକ୍ଷା ଦିଆଯିବ ବୈଠକରେ ନିଷ୍ପତ୍ତି ହୋଇଥିଲା। ବୈଠକରେ ଉପଖଣ୍ଡରୁ ଆସିଥିବା ଶୋଟକା ବିରୁଆ, ଜଟିଆ ସାୟଁ, ମିନତୀ ତିରିଆ, ସୀତାରାମ ଚାତାର, ସନାତନ ଚାମ୍ପିଆ, ସତ୍ୟନାରାୟଣ ବିଜୁଳି, ସୁକୁଲ ମୁର୍ମୁ, କୋଷାଧ୍ୟକ୍ଷ ମୁରଲୀଧର ନାଏକ, ସମ୍ପାଦକ ଜତିନ୍ଦ୍ର ମହାନ୍ତ, ବିକାଶ ମହାନ୍ତ ଯୋଗଦେଇଥିଲେ। ଶେଷରେ ମଞ୍ଚର ସଭାପତି ବିଷ୍ଣୁନାଥ ପୂର୍ତ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।

## ଢେଙ୍କିକୋଟରେ ଶୀତଲହରି



ଢେଙ୍କିକୋଟ୍,୨୦।୧୧(ଡି.ଏନ୍.ଏ): କେନ୍ଦୁଝର ଜିଲା ବଣ ପାହାଡ଼ ଘେରା ଢେଙ୍କିକୋଟ୍‌ରେ ଶୀତ ଲହରୀ ବୃଦ୍ଧି ପାଇଛି। ରାତିରେ ପ୍ରବଳ ଶୀତ ହେଉଥିବା ବେଳେ ଛୋଟରୁ ବଡ଼ ସମସ୍ତେ ଦିନରେ ମଧ ଶୀତବସ୍ତ୍ର ପରିଧାନ କରୁଛନ୍ତି। ସନ୍ଧ୍ୟା ହେଲେ ଛକ ଛକରେ ନିଆଁ ଜାଳି ଠିଆ ହେଉଛନ୍ତି। ଆଗକୁ ଶୀତର ଲହରୀ ଜାରି ରହିବ ବୋଲି କୁହାଯାଉଥିବା ବେଳେ ରାସ୍ତା କଡ଼ରେ ରହୁଥିବା ଅସହାୟଙ୍କଙ୍କ ଚିନ୍ତା ବଢ଼ିଯାଇଛି।

## ୬୭ୟୁନିଟ୍ ରକ୍ତ ସଂଗ୍ରହ

ଖଇରା,୨୦।୧୧(ଡି.ଏନ.ଏ)- ବିଜୁ ଜନତା ଦଳର ୨୫ ବର୍ଷ ପୂର୍ତ୍ତି ଅବସରରେ ରକ୍ତର ଅଭାବ ଦୂରୀକରଣ ପାଇଁ ଖଇରା ବିଜୁ ଜନତା ଦଳ ଓ ମୋ ପରିବାର ଆନୁକୂଲ୍ୟରେ ଡ଼ଗରପଡ଼ା ପଞ୍ଚାୟତରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ଶିବିରକୁ ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ବାଲେଶ୍ୱର ବ୍ଲଡ ବ୍ୟାଙ୍କ ପକ୍ଷରୁ ୬୭ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଜୀବନ ବିନ୍ଦୁ ବ୍ଲକ ସଂଯୋଜକ ପ୍ରହ୍ଲାଦ ପତି, ସ୍ଥାନୀୟ ସରପଞ୍ଚ ରତ୍ନାକର ଦଲେଇ, ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ପୋଇଙ୍କ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ। ବିଧାୟକ ସମସ୍ତ ରକ୍ତଦାତାଙ୍କୁ ମାନପତ୍ର ପ୍ରଦାନ କରିଥିଲେ ।

## ଓରମାସ୍ ପକ୍ଷରୁ ବ୍ଲକସ୍ତରୀୟ କର୍ମଶାଳା



ଓରମାସ ପକ୍ଷରୁ ବ୍ଲକସ୍ତରୀୟ କର୍ମଶାଳା

ଚମ୍ପୁଆ,୨୦।୧୧(ଡି.ଏନ୍.ଏ): କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍‌ସଭାଗୃହଠାରେ ଓରମାସ ପକ୍ଷରୁ କମ୍ୟୁନିଟି ମୋବିଲାଇଜରମାନଙ୍କୁ ନେଇ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଜୀବିକା ମିଶନ ବ୍ଲକ୍ ପ୍ରକଳ୍ପ ଅଧିକାରୀ ପ୍ରକାଶ ରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ କର୍ମଶାଳାରେ ଚମ୍ପୁଆ ବିଡିଓ ଜ୍ୟୋତ୍ସ୍ନା ନାଏକ, ଓରମାସ ଅଧିକାରୀ ଚନ୍ଦ୍ରଶେଖର ପଟ୍ଟନାୟକ, ଆଇପିଓ ମାନସ ରଞ୍ଜନ ନାୟକ ପ୍ରମୁଖ ଯୋଗଦେଇଥିଲେ। ବ୍ଲକର ଅଗ୍ରଣୀ ସ୍ୱୟଂସହାୟକ ସଦସ୍ୟାମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏହା ଏକ ମିଳିତ ଯୋଜନା ହୋଇଥିବା ବେଳେ ଗ୍ରାମାଞ୍ଚଳର ଶିକ୍ଷିତ ବେକାର ଯୁବତୀ ଓ ଯୁବକଙ୍କୁ ପ୍ରଶିକ୍ଷଣ ପରେ ନିଯୁକ୍ତି ଦେବା ଏହି କର୍ମଶାଳାର ଉଦ୍ଦେଶ୍ୟ। ଦିନଦୟାଳ ଉପାଧ୍ୟାୟ ଓ ଗ୍ରାମୀଣ କୌଶଳ ଯୋଜନା ମାଧ୍ୟମରେ ୧୮ରୁ ୩୫ ବର୍ଷ ମଧ୍ୟରେ ଶିକ୍ଷିତ ବେକାରମାନେ ଏହାର ସୁଯୋଗ ନେଇପାରିବେ। ମୋବିଲାଇଜରମାନେ ପ୍ରତୀ ଘରକୁ ଯାଇ ବେକାର ଯୁବତୀ ଓ ଯୁବକଙ୍କ ଡାଟା ସଂଗ୍ରହ କରିବେ।

## ଶିକ୍ଷାବିତଙ୍କ ପରଲୋକ

**ସୋର,୨୦।୧୧(ଡି.ଏନ୍.ଏ):** ସୋର ପୌରପାଳିକା ଅନ୍ତର୍ଗତ ମୋବାରକପୁର ଗ୍ରାମର ବିଶିଷ୍ଟ ଶିକ୍ଷାବିତ କିଶୋର ଗୋପାଳ ମହାନ୍ତି (୮୪)ଙ୍କର ଶନିବାର ସନ୍ଧ୍ୟାରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ଜଣେ ସାମାଜିକ କର୍ମୀ, ଶିଶୁ ବତ୍ସଳ ଶିକ୍ଷାବିତ ଏବଂ ସମାଜ ସଂସ୍କାରକ ଭାବେ ସୋର ଅଞ୍ଚଳରେ ବେଶ ପରିଚିତ ଥିଲେ। ମୃତ୍ୟୁ ଖବର ପାଇ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ମର ଶରୀରକୁ ଏକ ବିଶାଳ ଶୋଭାଯାତ୍ରାରେ ଗୋପୀନାଥପୁର ଶ୍ମଶାନକୁ ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ବଡ଼ ପୁଅ ପୂର୍ବାସା ମହାନ୍ତି ମୁଖାଗ୍ନି ଦେଇଥିଲେ।

# ଆଜିଠାରୁ ପଞ୍ଜୀକରଣ ଆରମ୍ଭ

**କନିଷ୍ଠ ଆନ୍ତଃ କ୍ଲବ୍ କ୍ରିକେଟ୍ ପ୍ରତିଯୋଗିତା**

**କେନ୍ଦୁଝର,୨୦।୧୧(ସ୍ୱ.ପ୍ର.)**

କେନ୍ଦୁଝର ଷ୍ଟାଡିୟମଠାରେ ନଭେମ୍ବର ଶେଷ ସପ୍ତାହରେ ଓଡ଼ିଶା କ୍ରିକେଟ୍ ଆସୋସିଏସନ ପକ୍ଷରୁ ୨୦୨୨-୨୩ ବର୍ଷ ପାଇଁ କନିଷ୍ଠ ଆନ୍ତଃ କ୍ଲବ୍ କ୍ରିକେଟ୍ ପ୍ରତିଯୋଗିତା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏନେଇ ଜିଲା କ୍ରୀଡ଼ା ସଂସ୍ଥା ପକ୍ଷରୁ ପଞ୍ଜୀକରଣ ପାଇଁ ବିଭିନ୍ନ କ୍ଲବ୍‌କୁ ଆହ୍ୱାନ କରାଯାଇଛି। ନଭେମ୍ବର ୨୧ ରୁ ୨୨ ଏହି ପଞ୍ଜୀକରଣ ଜିଲା କ୍ରୀଡ଼ା ସଂସ୍ଥା କାର୍ଯ୍ୟାଳୟରେ ହେବ। ଖେଳାଳୀମାନେ ବିଭିନ୍ନ ପଞ୍ଜୀକୃତ କ୍ଲବ୍ ପକ୍ଷରୁ ପଞ୍ଜୀକରଣ କରିପାରିବେ ବୋଲି ସଂସ୍ଥାର ସାଧାରଣ ସମ୍ପାଦକ ଜନାର୍ଦ୍ଦନ ଦାଶ କହିଛନ୍ତି। କ୍ରୀଡ଼ାବିତ୍‌ଙ୍କ ବୟସ ୧୦ ରୁ ୧୯ ବର୍ଷ ହୋଇଥିବା ସୂଚନା ଦିଆଯାଇଛି। ସେହିପରି ୧୬ ବର୍ଷରୁ କମ ଦଳ ପାଇଁ ବୟସ ସୀମା ୧-୯-୨୦୦୬ ରୁ ୩୧-୮-୨୦୦୯ ମଧ୍ୟରେ ଜନ୍ମ ହୋଇଥିବା ଆବଶ୍ୟକ ବୋଲି କୁହାଯାଇଛି। ୧୯ ବର୍ଷରୁ କମ ବୟସ୍କ ପିଲାଙ୍କ ପାଇଁ ୧-୯-୨୦୦୪ ପରେ ଜନ୍ମ ହୋଇଥିବା ଦରକାର ବୋଲି ସୂଚନା ଦିଆଯାଇଛି। ଗୋଟିଏ ଦଳରେ ସର୍ବାଧିକ ୧୫ ଜଣ ଖେଳାଳୀ ଭାଗ ନେଇ ପାରିବେ। ସେଥିରେ ୧୯ ବର୍ଷରୁ କମ ୧୦ ଜଣ ଏବଂ ୧୬ ବର୍ଷରୁ କମ ୪ ଜଣ ଭାଗ ନେଇ ପାରିବେ। ରାଜ୍ୟ ବାହାର ଖେଳାଳୀ ଅନ୍ୟୁନ୍ୟ ଏକ ବର୍ଷର ବାସିନ୍ଦା ପ୍ରମାଣପତ୍ର ଦେବାକୁ ବାଧ୍ୟ। ସମସ୍ତ ପ୍ରମାଣପତ୍ର ସହିତ ଖେଳାଳୀମାନେ ନିର୍ଦ୍ଧାରିତ ଦିନ ମଧ୍ୟରେ ଆବେଦନ କରି ପାରିବେ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

# ପ୍ରଧାନଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍

**ସିଆର୍‌ସିସିଙ୍କୁ ଆକ୍ରମଣ ଘଟଣା**

**ରୂପସା,୨୦।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅଧୀନ ଗଡ଼ପଦା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରା ନ ଗଲେ ତାଲାବନ୍ଦ ଆନ୍ଦୋଳନ ହେବ ବୋଲି ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକ ମହଲରୁ ଚେତାବନୀ ଦିଆଯାଇଛି।

ଗତ ଅକ୍ଟୋବର ୩୧ରେ ଗଡ଼ପଦା କ୍ଲଷ୍ଟର ସିଆରସିସି ବିଦ୍ୟାଳୟକୁ ମନିଟରିଂରେ ଯାଇଥିଲେ। ସେ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଲେସନ ଡାଇରୀ ମାଗିବା, ନିୟମିତ କ୍ଲାସ ନେବା, ଠିକ୍ ସମୟରେ ବିଦ୍ୟାଳୟରେ ଉପସ୍ଥିତ ହେବା ଆଦି ସମ୍ପର୍କରେ ତାଗିଦ୍ କରିଥିଲେ। ପ୍ରଧାନଶିକ୍ଷକ ବଳରାମ ବେହେରା, ସହକାରୀ ଶିକ୍ଷୟିତ୍ରୀ ମିନତୀ ସୋରେନ ମିଶି ସିଆରସିସିଙ୍କୁ ଦୁର୍ବ୍ୟବହାର ସହ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ସେ ବିଇଓ, ସରପଞ୍ଚ, ପରିଚାଳନା କମିଟି ସଭାପତି ଓ ଥାନାରେ ଲିଖିତ ଭାବେ ଜଣାଇଥିଲେ। ଅପରପକ୍ଷରେ ବିଭାଗୀୟ ଅଧିକାରୀଙ୍କ ଅଗୋଚରରେ ସିଆରସିସିଙ୍କ ଆକ୍ରମଣରେ ଶିକ୍ଷୟିତ୍ରୀ ଜଣକ ଆହତ ହୋଇଥିବା ନେଇ ପ୍ରଧାନଶିକ୍ଷକ ଥାନାରେ ଏତଲା ଦେଇଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ବେଳେ ବିଇଓ ଲଲାଟେନ୍ଦୁ କେଶରୀ ଜେନା ବରିଷ୍ଠ ଅଧିକାରୀଙ୍କ ସହ ଦୁଇ ଥର ବିଦ୍ୟାଳୟ ପରିଦର୍ଶନ କରିଥିଲେ। ବିନା ଛୁଟି ଦରଖାସ୍ତରେ ଶିକ୍ଷୟିତ୍ରୀ ମିନତୀ ସୋରେନ ସେହିଦିନଠାରୁ ବିଦ୍ୟାଳୟକୁ ନ ଆସିବା, ମଧ୍ୟାହ୍ନଭୋଜନରେ ପ୍ରଧାନ ଶିକ୍ଷକଙ୍କ ଅନିୟମିତତା, ଅନ୍ୟ ଶିକ୍ଷୟତ୍ରୀଶିକ୍ଷକମାନେ ୧୦ଟା ପରେ ସ୍କୁଲକୁ ଆସିବା ଓ ୪ଟା ପୂର୍ବରୁ ପଳେଇଯିବା, ଛାତ୍ର ଶିକ୍ଷକ ଉପସ୍ଥାନ ରେଜିଷ୍ଟାରରେ ତ୍ରୁଟି ଆଦି ସମ୍ପର୍କରେ ୪୩୩୦/୧୧.୧୧.୨୨ ଚିଠି ମୂଳେ ବିଇଓ ଜେନା ପ୍ରଧାନଶିକ୍ଷକ ବେହେରାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରି କୈଫତ ମାଗିଛନ୍ତି। ଫଳରେ ଶିକ୍ଷୟିତ୍ରୀଙ୍କ ମାଧ୍ୟମରେ ସିଆରସିସିଙ୍କ ନାମରେକ ଏକ ମିଥ୍ୟା କେଶ କରିବାକୁ ପ୍ରବର୍ତ୍ତାଇ ପ୍ରଧାନଶିକ୍ଷକ ବିଦ୍ୟାଳୟରେ ବିଶୃଙ୍ଖଳା ସୃଷ୍ଟି କରୁଥିବାରୁ ଉଭୟ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ବିରୋଧରେ ବିଭାଗ ତରଫରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଅଭିଭାବକ ଓ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବିଇଓ ଲଲାଟେନ୍ଦୁ କେଶରୀ ଜେନାଙ୍କୁ ପଚରାଯିବାରୁ ବିଭାଗୀୟ ତଦନ୍ତ ପୂର୍ବକ ନିଶ୍ଚୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

